## ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କୁ ହତ୍ୟା ଧମକ

ବ୍ରହ୍ମପୁର,୧୧।୮ (ସମିସ): ବ୍ରହ୍ମପୁରର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁଙ୍କୁ କେହି ଦୁର୍ବୃତ୍ତ ଫୋନ୍ କରି ହତ୍ୟା ଧମକ ଦେଇଥିବା ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ତଦନ୍ତ ଆରମ୍ଭ କରିଛି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ରବିବାର ତାଙ୍କ ହ୍ବାଟ୍ସଆପ୍ ନମ୍ବରକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଶିବରାମ ପାଳ ବୋଲି ପରିଚୟ ଦେଇ ପିଣ୍ଟୁଙ୍କୁ ଗାଳିଗୁଲଜ କରିଥିଲା। ମୋ ଭାଇ ଇଚ୍ଛିଲକୁ ଦଣ୍ଡ କଲୁ ଓ ମଉଜ ମିଶ୍ରକୁ ଧରାଇବାରେ ପୁଲିସକୁ ସହଯୋଗ କଲୁ ବୋଲି ସେ କହିଥିଲା। ଶିଳ୍ପକୁ ଯେପରି ସାହି ଭିତରେ ପୁଲିସ ଆଗରେ ଗୁଳି କରିଥିଲି ତେବେ ମଧ୍ୟ ସେମିତି ଗୁଳି କରି ମାରିଦେବି ବୋଲି ସେହି ବ୍ୟକ୍ତି ଜଣଙ୍କ ଧମକ ଦେଇଥିବା ପିଣ୍ଟୁ ନିଜ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଫୋନ କରିଥିବା ବ୍ୟକ୍ତି ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ସେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଥାଉକି, କିଛିମାସ ତଳେ ପିଣ୍ଟୁଙ୍କ ଗାଡ଼ି ଉପରକୁ ଗୁଳି ମାଡ଼ ହୋଇଥିଲା। ସେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବ୍ରହ୍ମପୁର,୧୧।୮ (ସମିସ): ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆଅଙ୍କୁଲେର ଗ୍ରାମର କାହ୍ନା ସେଠୀ(୧୮)। ବିଦ୍ୟୁତ୍ ଆଘାତରେ ଗୁରୁତର କାହ୍ନାଙ୍କୁ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ନାକାଳିନ ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କାର୍ ଚାଳକଙ୍କୁ ଆକ୍ରମଣ ଘଟଣା; ୩ ଗିରଫ

ବ୍ରହ୍ମପୁର,୧୧।୮ (ସମିସ): କାର୍ ଚାଳକଙ୍କୁ ଆକ୍ରମଣ ଅଭିଯୋଗରେ ଟାଉନ୍ ଥାନା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ସାହି ଆପାର୍ଟମେଣ୍ଟର ଲାଲା ମହାନ୍ତି(୨୭), ପାଣିଗ୍ରାହୀପେଣ୍ଠର ବସ୍ତି ସାହୁ(୩୦) ଓ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅନନ୍ତେଇ ଗ୍ରାମର ମନୋରଞ୍ଜନ ସାହୁ ଓରଫ



ବାବୁ(୩୦)। ଆକ୍ରମଣରେ ବ୍ୟବହୃତ ଦୁଇଟି ବାଇକକୁ ମଧ୍ୟ ପୁଲିସ ଜବତ କରିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ବାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୭ତାରିଖ ସକାଳେ ବିକାଶ ଶତପଥୀ, ପତ୍ନୀ ସୋନାଲି ଶତପଥୀ ଉଭୟେ ଏମକେସିଜି ମେଡିକାଲରେ ଚିକିତ୍ସା ପରେ ସୁସ୍ଥ ହୋଇଥିବା ଜଣେ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ଘରକୁ ଫେରୁଥିଲେ। ବିକାଶ ନିଜ କାରରେ ସମସ୍ତଙ୍କୁ ନେଇ ଘରକୁ ଫେରୁଥିଲେ। ଆସ୍କାରୋଡ କର୍ପୋରେସନ ଛକରେ ଉପରୋକ୍ତ ୩ଜଣ ଅଭିଯୁକ୍ତ ଦୁଇଟି ବାଇକରେ ଆସି ବିକାଶଙ୍କ କାରକୁ ଅଟକାଇ ତାଙ୍କୁ କାର୍ ଭିତରୁ ଟାଣି ଆଣି ରାସ୍ତା ଉପରେ ଆକ୍ରମଣ କରିଥିଲେ। ପରେ ବିକାଶ ଘଟଣା ସମ୍ପର୍କରେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ କରି ପୁଲିସ ସମସ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଲାଲା ମହାନ୍ତି ନାମରେ ବଡ଼ବଜାର ଥାନାରେ ୯ ଗୋଟି ମାମଲା ରହିଥିବା ବେଳେ ବସ୍ତି ନାମରେ ଗୋଟିଏ ମାମଲା ରହିଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

## କର୍ପୋରେଟରଙ୍କୁ ବିଜେପି କର୍ମୀଙ୍କ ହତ୍ୟା ଧମକ

● ପାଲଟା ଅର୍ଥ ହଡ଼ପ ଅଭିଯୋଗ ଆଣିଲେ କର୍ମୀ

ବ୍ରହ୍ମପୁର,୧୧।୮ (ସମିସ): କର୍ପୋରେଟର ତିରୁପତି ପାତ୍ରଙ୍କୁ ଗାଳିଗୁଲଜ ସହ ହତ୍ୟା ଧମକ ମିଳିଥିବା ଅଭିଯୋଗ ହୋଇଛି। ଗୋଲେଇଣ୍ଡି ଅଞ୍ଚଳର ବିଜେପି ଯୁବକର୍ମୀ କାହ୍ନା ପାତ୍ର ଏହି ଧମକ ଦେଇଥିବା ନେଇ କର୍ପୋରେଟର ତିରୁପତି ପାତ୍ର ବୈଦ୍ୟନାଥପୁର ଥାନାରେ ଦାରସ୍ଥ ହୋଇଛନ୍ତି। ସେପଟେ ବିଜେପି କର୍ମୀ କାହ୍ନା ପାତ୍ର କର୍ପୋରେଟର ତିରୁପତି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ପାଲଟା ଅଭିଯୋଗ ଆଣିଛନ୍ତି। ପୂର୍ବରୁ ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବା ସହ ଉଭୟେ ଥାନାର ଦାରସ୍ଥ ହୋଇଥିଲେ। ରବିବାର ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ପୁଣି ପାଟିତୁଣ୍ଡ ହେବା ସହ ସହଯୋଗୀଙ୍କ ମଧ୍ୟରେ ମାରପିଟ ହୋଇଥିବା ଜଣାପଡ଼ିଛି। ତେବେ ଉଭୟଙ୍କ ମଧ୍ୟରେ ସୋମବାର ଥାନାରେ ଆପୋଷ ବୁଝାମଣା ହୋଇଥିବା କୁହାଯାଉଛି।

## ବାଦପୁରରେ ଗଣ୍ଡଗୋଳ; ଉଭୟ ଗୋଷ୍ଠୀର ୫ ଅଟକ

ବ୍ରହ୍ମପୁର,୧୧।୮ (ସମିସ): ଗୋପାଳପୁର ଥାନା ଟାଟା କଲୋନୀ ବାଦପୁର ଗ୍ରାମରେ ରବିବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ପୁଲିସ ଉଭୟ ଗୋଷ୍ଠୀର ୫ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ସୂଚନାଯୋଗ୍ୟ ଯେ, ରବିବାର ରାତିରେ ବ୍ବାଇଁ ଘରୁ ପ୍ରତାପ ନାୟକ ବାଇକରେ ଘରକୁ ଫେରୁଥିବା ବେଳେ ଗ୍ରାମ ଛକରେ ୪ ଜଣ ଯୁବକ ଅଟକାଇ ତାଙ୍କୁ ଗାଳିଗୁଲଜ ସହ ମାଡ଼ ମାରି ସୁନା ଚେନ ଓ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ। ଖବର ପାଇ ବ୍ବାଇଁ ଶିବ ନାୟକ ପହଞ୍ଚି ଆକ୍ରମଣକାରୀଙ୍କୁ ପଚାରିବାବେଳେ ସେମାନେ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅନ୍ୟ ଗୋଷ୍ଠୀର ଗାଗାଣି ଦାସ ଅଭିଯୋଗ ପ୍ରକାରେ ଶିବ ଓ ପ୍ରତାପ କିଛି ଲୋକେ ରାତ୍ର ପ୍ରାୟ ୧୦ଟାରେ ଘର ନିକଟରେ ପହଁଚି କବାଟ ବାଡେଇ ଥିଲେ। କାରଣ ପଚାରିବାରୁ ତାଙ୍କ ସ୍ବାମୀ ଦେବ ଦାସ ଓ ପୁଅ ବିଦ୍ୟା ଦାସଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଥାନାରେ ଅଭିଯୋଗ କରିଥିଲେ। ଉଭୟ ଅଭିଯୋଗକୁ ଭିତ୍ତି କରି ପୁଲିସ ଶିବ ନାୟକ, ପ୍ରତାପ ନାୟକ, ବିଦ୍ୟା ଦାସ, ଦେବ ଦାସ ଓ ବବୁଲ ଗୌଡ଼ଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ପୁଲିସ।

# ବିନା ପ୍ରଫେସରରେ ଚାଲିଛି ଏମ୍‌କେସିଜି ମେଡିକାଲ ସ୍ନାୟୁ ଚିକିତ୍ସା ବିଭାଗ

ବ୍ରହ୍ମପୁର,୧୧।୮ (ସମିସ)

ସ୍ବାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷିଣଓଡିଶା ସଦା ଅବହେଳିତ। ଦକ୍ଷିଣଓଡିଶାର ସମସ୍ତ ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ସୀମାନ୍ତ ଅଞ୍ଚଳ ଲୋକେ ଉନ୍ନତ ସ୍ବାସ୍ଥ୍ୟସେବା ପାଇଁ ଏକମାତ୍ର ସରକାରୀ ରେଫେରାଲ ହସ୍ପିଟାଲ ଏମକେସିଜି ମେଡିକାଲ କଲେଜ ଉପରେ ନିର୍ଭରଶୀଳ। ଫଳରେ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଦୂରଦୂରାନ୍ତରୁ ଏଠାକୁ ଚିକିତ୍ସା ଓ ଡାକ୍ତରୀ ପରାମର୍ଶ ପାଇଁ ଆସିଥାନ୍ତି। ତେବେ ସରକାରୀ ଉଦାସିନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ କାରଣରୁ ଏଠାରେ କେତେବେଳେ ଯନ୍ତ୍ରପାତି ତ ଆଉ କେତେବେଳେ ମାନବସମ୍ବଳର ଘୋର ଅଭାବ ଚିକିତ୍ସାସେବାରେ ବାଧାକ ସାଜୁଛି। ଏତେବଡ କ୍ୟାମ୍ପସ ଓ ବଡବଡ କୋଠା ସତ୍ତ୍ୱେ ବିନା ପ୍ରଫେସର ପଦବୀରେ ବର୍ଷ ବର୍ଷ ଧରି ଚାଲିଛି ନ୍ୟୁରୋଲୋଜି ଓ ନ୍ୟୁରୋସର୍ଜରୀ ଭଳି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ। ୨୦୦୦ମସିହାରୁ ଏଠାରେ ଉଭୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଖୋଲିଥିଲେ ହେଁ ପ୍ରଫେସର ପଦବୀ ସୃଷ୍ଟି ହୋଇନଥିବା କାରଣରୁ ନ୍ୟୁରୋ ସର୍ଜରୀ ବିଭାଗରେ 'ଏମସିଏଚ' ଏବଂ ନ୍ୟୁରୋଲୋଜି ବିଭାଗରେ 'ଡିଏମ' ପାଠ୍ୟକ୍ରମ ଆରମ୍ଭ ହୋଇପାରୁନାହିଁ। ଉଭୟ ପାଠ୍ୟକ୍ରମ ଆରମ୍ଭ ହେଲେ ଅନ୍ତତଃ ୩ବର୍ଷରେ ୯ଜଣ ପିଜି ଡାକ୍ତର ଏହି ବିଭାଗକୁ ମିଳିବା ସହିତ ଜଣେ ପ୍ରଫେସର ମଧ୍ୟ ରହି ଲୋକଙ୍କୁ ଉନ୍ନତ ଚିକିତ୍ସା ସେବା ସହିତ ଗବେଷଣାତ୍ମକ ଶିକ୍ଷା ମିଳିପାରନ୍ତା। ଯାହା ଦିର୍ଘ ବର୍ଷ ଧରି ଏଠାରେ ଅଭାବ ରହିଆସିଛି। ବର୍ତ୍ତମାନ ଏହି ବିଭାଗରେ ଦୁଇଜଣ ଆସିଷ୍ଟାଣ୍ଟ ପ୍ରଫେସର ଓ ଜଣେ ଆସୋସିଏଟ ପ୍ରଫେସର ଥିବା

● ଦୀର୍ଘବର୍ଷ ଧରି କଟକ ଓ ବୁର୍ଲାରେ ଅଛନ୍ତି ପ୍ରଫେସର, ଦକ୍ଷିଣଓଡ଼ିଶାକୁ ଅଣଦେଖା
● ଆରମ୍ଭ ହୋଇପାରୁନି 'ଡିଏମ୍' ଓ 'ଏମ୍‌ସିଏଚ୍' ପାଠ୍ୟକ୍ରମ
● ଉନ୍ନତ ଚିକିତ୍ସାସେବା ଓ ଗୁଣାତ୍ମକ ଶିକ୍ଷା ପ୍ରଭାବିତ
● ଅତ୍ୟାଧୁନିକ ଯନ୍ତ୍ରପାତି ଥାଇ ବି କାମରେ ଲାଗିପାରୁନି




ବେଳେ ଓପିଡି ସମେତ ୨୦ଶଯ୍ୟା ବିଶିଷ୍ଟ ଇନଡୋରର ରୋଗୀଙ୍କୁ ସେବା ଯୋଗାଇବା ସମ୍ଭବପର ହେଉନାହିଁ। ଯାହାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସବୁବେଳେ ଅସନ୍ତୋଷ ଦେଖିବାକୁ ମିଳୁଛି। ସବୁଠାରୁ ବଡକଥା ହେଲା ଉଭୟ ବିଭାଗରେ ସିଟିସ୍କାନ ଓ ଏମଆରଆଇ ଭଳି ନିଜସ୍ୱ ତଥା ଅତ୍ୟାଧୁନିକ ଯନ୍ତ୍ରପାତି ଥିବା ସତ୍ତ୍ୱେ ରୋଗୀଙ୍କ ସେବାରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଉଭୟ ବିଭାଗରେ ଦୈନିକ ପ୍ରାୟ ୪ଶହରୁ ଉଦ୍ଧ୍ୱର୍ ରୋଗୀ ଆସୁଥିବା ବେଳେ ଅନେକଙ୍କୁ ନିରାଶ ହେବାକୁ ପଡୁଛି। ରାଜ୍ୟରେ କଟକ ଏସସିବି ଓ ବୁର୍ଲାରେ ଭୀମସାର ଭଳି ଦୁଇଟି ସରକାରୀ ରେଫେରାଲ ହସ୍ପିଟାଲରେ ଦିର୍ଘ ବର୍ଷ ଧରି ଉଭୟ ନ୍ୟୁରୋଲୋଜି ଓ ନ୍ୟୁରୋସର୍ଜରୀ ବିଭାଗରେ ପ୍ରଫେସର ପଦବୀ ଥିବା ବେଳେ ବ୍ରହ୍ମପୁର ସ୍ଥିତ ଦକ୍ଷିଣଓଡିଶାର ଏହି ଏକମାତ୍ର ରେଫେରାଲ ହସ୍ପିଟାଲରେ ପ୍ରଫେସର ପଦବୀ ସୃଷ୍ଟି କରାଯାଇନାହିଁ। ଏନେଇ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଦାବି କରାଯାଇଥିଲେ ହେଁ ଏଥିପ୍ରତି କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ନିକଟରେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ନିୟୋଜିତ ଡାକ୍ତରଙ୍କ ନିଜସ୍ୱ ଇଛାରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ବିରଳ ତଥା ସଫଳ ଅସ୍ତ୍ରୋପଚାର ସମ୍ଭବପର ହୋଇଛି।

ତେବେ ବର୍ତ୍ତମାନ ପୁଣି ଏଠାରୁ ଆସୋସିଏଟ ପ୍ରଫେସରଙ୍କୁ ଅନ୍ୟତ୍ର ବଦଳି ହୋଇଯିବାରୁ ବିଭାଗ ପୂର୍ବଭଳି ଅଚଳ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। କୋଠା, ଅତ୍ୟାଧୁନିକ ଯନ୍ତ୍ରପାତି ଥିବାବେଳେ ମାନବ ସମ୍ବଳର ଅଭାବ ଯୋଗୁଁ ଟ୍ରଉମା କେୟାର ୟୁନିଟ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏଣୁ ତୁରନ୍ତ ନ୍ୟୁରୋଲୋଜି ଓ ନ୍ୟୁରୋ ସର୍ଜରୀ ବିଭାଗରେ ପ୍ରଫେସର ପଦବୀ ସୃଷ୍ଟି କରାଗଲେ ପରବର୍ତ୍ତି ସମୟରେ ଏଠାରେ ଡିଏମ ଓ ଏମସିଏଚ ପାଠ୍ୟକ୍ରମ ଆରମ୍ଭ ହୋଇ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ଏନେଇ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଡିନ ତଥା ଅଧକ୍ଷା ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କ ସ୍ବାସ୍ଥ୍ୟବିଭାଗକୁ ଅବଗତ କରାଯାଇଛି। ବର୍ତ୍ତମାନ ନ୍ୟୁରୋସର୍ଜରୀର ପ୍ରଫେସର ଡାକ୍ତର ଅନୁପ ମହାପାତ୍ରଙ୍କର ବଦଳି ହୋଇଯିବା ପୁଣି ସମସ୍ତଙ୍କ ଚିନ୍ତା ବଢାଇଛି।

ବର୍ତ୍ତମାନ ହସ୍ପିଟାଲରେ ମାନବ ସମ୍ବଳ ଅଭାବ ଯୋଗୁଁ ବର୍ଣ୍ଣ ୟୁନିଟ ଓ ଟ୍ରମା କେୟାର ୟୁନିଟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏଥିପାଇଁ ଡାକ୍ତରଙ୍କ ସମେତ ନର୍ସିଂ ଷ୍ଟାଫଙ୍କର ଆବଶ୍ୟକତା ରହିଛି। ସେହିଭଳି ସବୁଠାରୁ ବଡ ଆଉ ଚିନ୍ତାର ବିଷୟ ହେଲା ୨୦୧୮-୧୯ ମସିହାରୁ ଡାକ୍ତରଖାନାର ସୁପର ସ୍ପେସିଆଲ କୋଠାକୁ ଆସିଥିବା ବହୁ କୋଟି ଟଙ୍କାର ଅନେକ ଯନ୍ତ୍ରାଂଶ ଆଜି ପର୍ଯ୍ୟନ୍ତ ବ୍ୟବହାର ନହୋଇ ପଡିରହିଥିବା ଦେଖିବାକୁ ମିଳିଛି। ସେଗୁଡିକୁ ତୁରନ୍ତ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସେପଟେ ଉଭୟ ନ୍ୟୁରୋଲୋଜି ଓ ନ୍ୟୁରୋସର୍ଜରୀ ବିଭାଗରେ ପ୍ରଫେସର ପଦବୀ ସୃଷ୍ଟି ପାଇଁ ପୂର୍ବରୁ ଅବଗତ କରାଯାଇଥିବା ବେଳେ ମଙ୍ଗଳବାର ଡାକ୍ତରଖାନାକୁ ଖୋଦ୍ ସ୍ବାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ ଥିବାରୁ ତାଙ୍କୁ ପୁଣି ଥରେ ଦାବି କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ପୂରଣ ହେଲେ ଡାକ୍ତରଖାନାରେ ରୋଗୀଙ୍କୁ ବହୁ ସୁବିଧା ଓ ଉନ୍ନତମାନର ଚିକିତ୍ସା ସେବା ଉପଲବ୍ଧ ହୋଇପାରିବ ବୋଲି ସେ କହିଛନ୍ତି।

### ବାଇକ୍-ପିକଅପ୍ ମୁହାଁମୁହିଁ

# ଟ୍ରାଫିକ୍ କନେଷ୍ଟବଳଙ୍କ ସମେତ ୨ ମୃତ

ବ୍ରହ୍ମପୁର,୧୧।୮ (ସମିସ)

ବ୍ରହ୍ମପୁର-ଦିଗପହଣ୍ଡି ରାସ୍ତାର ନାରାୟଣପୁର ଛକ ନିକଟରେ ସୋମବାର ପୂର୍ବାହ୍ନରେ ବାଇକ୍ ଓ ପିକଅପ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ବ୍ରହ୍ମପୁର ପୁଲିସ ଜିଲ୍ଲାର ଜଣେ ଟ୍ରାଫିକ କନେଷ୍ଟବଳ ଥିବାବେଳେ ଅନ୍ୟଜଣେ ତାଙ୍କ ବନ୍ଧୁ ବୋଲି ଜଣାପଡିଛି। ମୃତ କନେଷ୍ଟବଳ ଜଣକ ହେଲେ ଟ୍ରାଫିକ ଥାନାରେ କାର୍ଯ୍ୟରତ ତଥା ପାଟପୁର ଥାନା ତାରସିଂ ଅଞ୍ଚଳର ଅନୀଲ ନାୟକ(୩୪) ଏବଂ ତାଙ୍କ ସାଙ୍ଗ ନୀଳକଣ୍ଠନଗର ଅଞ୍ଚଳର ସେଖ୍ ରହୀମ(୩୬)।

ସୂଚନା ପ୍ରକାରେ, ଅନୀଲ ରବିବାର ରାତିରେ ଡ୍ୟୁଟି ପରେ ବନ୍ଧୁ ରହିମ୍‌ଙ୍କ ସହ ନିଜ ଗ୍ରାମକୁ ଯାଇ ଏକ ପଲ୍‌ସର ବାଇକ (ଓଡ଼ି୦୭ଏଏମ-୧୪୪୪) ଯୋଗେ ସୋମବାର ସକାଳେ ବ୍ରହ୍ମପୁର ଫେରୁଥିଲେ। ଦିନ ପ୍ରାୟ ୧୧ଟା ବେଳେ ସେମାନେ ନାରାୟଣପୁର ଛକ ଅତିକ୍ରମ କରୁଥିବା ବେଳେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ(ଓଡ଼ି୩୩ଏଆର-୧୧୧୮) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଉଭୟେ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଏମ୍‌କେସିଜି



ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ଏମ୍‌କେସିଜିରେ ପହଞ୍ଚି ଦୁଇ ମୃତଦେହ ଜବତ କରିଥିଲା। ଦୁର୍ଘଟଣା ପରେ ନାରାୟଣପୁର ଛକରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ତାକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ମୃତ କନଷ୍ଟେବଳଙ୍କ ପତ୍ନୀ ଅନିଶା ବେହେରା ମଧ୍ୟ ଟ୍ରାଫିକ ଥାନାରେ କନଷ୍ଟେବଳ ଭାବେ କାର୍ଯ୍ୟରତ। କନେଷ୍ଟବଳ ଅନିଲ ଦୁର୍ଘଟଣାର ଶିକାର ହୋଇ ମେଡ଼ିକାଲରେ ଭର୍ତ୍ତି ହେବା ଖବର ପାଇ ବ୍ରହ୍ମପୁର ଏସ୍‌ପି ମେଡ଼ିକାଲରେ ପହଞ୍ଚିଥିଲେ। ଖବର ପ୍ରଘଟ ହେବାପରେ ଟ୍ରାଫିକ ଡ଼ିଏସ୍‌ପି ତିରୁପତି ଚୌଧୁରୀ, ରିଜର୍ଭ ଇନ୍ସପେକ୍ଟର ଏମ ଲକ୍ଷ୍ମୀ ରଞ୍ଜନ, କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ନୟନ ରଞ୍ଜନ ଆଚାର୍ଯ୍ୟ, ଉପସଭାପତି ଶ୍ରୀକାନ୍ତ ପଣ୍ଡା, ସମ୍ପାଦକ ପ୍ରଶାନ୍ତ କୁମାର ମାହାରଥୀ, କୋଷାଧ୍ୟକ୍ଷ ଏ. ଶ୍ରୀନିବାସ ପାତ୍ର ଓ ସିଆଇ ହାବିଲଦାର ଗୌରୀଶଙ୍କର ମିଶ୍ରଙ୍କ ସମେତ ଶତାଧିକ ପୁଲିସ ଅଫିସର ଓ କର୍ମଚାରୀ ମେଡ଼ିକାଲରେ ଉପସ୍ଥିତ ଥିଲେ। ତପ୍ତପାଣି ତାରସିଂ ଠାରେ ତାଙ୍କର ଶେଷକୃତ ସମ୍ପନ୍ନ ହୋଇଥିବା ଜଣାପଡିଛି।

■ ନିର୍ମଲ୍ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲ୍

# 'ଅଦମ୍ୟ'କୁ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ପୁରସ୍କାର




ବ୍ରହ୍ମପୁର,୧୧।୮ (ସମିସ): ଗଞ୍ଜାମ ଲୋକକଳାକୁ ନେଇ ନିର୍ମିତ ଅଦମ୍ୟ ଚଳଚ୍ଚିତ୍ର ଜାତୀୟସ୍ତରୀୟ ଚଳଚ୍ଚିତ୍ର ମହୋତ୍ସବ ନିର୍ମଲ ପାଣ୍ଡେ ସ୍ମୃତି ଫିଲ୍ମ ଫେଷ୍ଟିଭାଲରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର ଭାବେ ପୁରସ୍କୃତ ହୋଇଛି। ପ୍ରଥମଥର ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ୍ ଓଡ଼ିଶା କଟକଠାରେ ଏହା ଅୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଅଦମ୍ୟ ଚଳଚ୍ଚିତ୍ର ଏକ ନିଆରା ପ୍ରଶଂସା ସାଉଁଟିଥିଲା। ଏହି ଚଳଚ୍ଚିତ୍ର ପ୍ରାୟ ୫ଟି ବର୍ଗରେ ପୁରସ୍କୃତ ହୋଇଥିଲା। ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ କ୍ରିଷ୍ଣା ଡିକେ, ଶ୍ରେଷ୍ଠ ଅଭିନେତ୍ରୀ ସଞ୍ଚିତା ପାତ୍ର, ଶ୍ରେଷ୍ଠ ମ୍ୟୁଜିକ ଭାବେ ଅଭିଷେକ ମହାରଣା ଏବଂ ଶ୍ରେଷ୍ଠ ଚିତ୍ରଉତ୍ତୋଳନ ଭାବେ ରଞ୍ଜିତ କୁମାର୍ ରଥ ବଲିଉଡର ନାମୀଦାମୀ କଳାକାର ଗୋବିନ୍ଦ ନାମଦେବଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ଅଦମ୍ୟ ଚଳଚ୍ଚିତ୍ରର କାହାଣୀ ସୀମାଞ୍ଚଳ ମହାରଣା ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା କ୍ରିଷ୍ଣା ଡିକେ ଦେଇଥିଲେ। ଏଥିରେ ଗଞ୍ଜାମର ବହୁ ବଡ଼ ବଡ଼ କଳାକାର ଅଭିନୟ କରିଥିଲେ।

# ପୋଷ୍ଟାଲ କର୍ମଚାରୀ ଜାତୀୟ ସଂଘ ଓଡ଼ିଶା ମଣ୍ଡଳ ସମ୍ମିଳନୀ

ବ୍ରହ୍ମପୁର,୧୧।୮ (ସମିସ): ଆଇଟିଆଇ ସମ୍ମିଳନୀ କକ୍ଷରେ ପୋଷ୍ଟାଲ କର୍ମଚାରୀ ଜାତୀୟ ସଂଘ (ଏନଏପିଇ) 'ଗ୍ରୁପ୍-ସି' ଓଡ଼ିଶା ମଣ୍ଡଳର ୨୮ତମ ଦ୍ୱୀବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଡିଭିଜିନାଲ ଶାଖା ପକ୍ଷରୁ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଫେଡେରେସନ ଅଫ ନ୍ୟାସନାଲ ପୋଷ୍ଟାଲ ଅର୍ଗାନାଇଜେସନ (ଏଫଏନପିଓ)ର ମହାସଚିବ ଶିବଜୀ ଭାସିରେଡ୍ଡି ଯୋଗ ଦେଇଥିବା ବେଳେ ବ୍ରହ୍ମପୁରର ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା, ପୋଷ୍ଟମ୍ୟାନ ଓ ଏମଟିଏସ୍ ଜାତୀୟ ୟୁନିୟନ ପୋଷ୍ଟାଲ କର୍ମଚାରୀ(ଏନୟୁପିଇ) ଓଡିଶା ମଣ୍ଡଳର ସମ୍ପାଦକ ଚନ୍ଦ୍ରମଣି ମେହେର ଓ ଗ୍ରାମୀଣ ଡାକ ସେବକ ଜାତୀୟ ୟୁନିୟନ(ଏନୟୁଜିଡିଏସ)ର ମଣ୍ଡଳ ସମ୍ପାଦକ ଗୌତମ ଦାସ, ଏନଏପିଇର ମଣ୍ଡଳ ସଭାପତି ତ୍ରିଲୋଚନ ବାରିକ ଓ ମଣ୍ଡଳ ସମ୍ପାଦକ ମନୋଜ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଏନଏପିଇର ବ୍ରହ୍ମପୁର ଡିଭିଜନ ସମ୍ପାଦକ ଗୌରହରି ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ୧୯ଟି ମଣ୍ଡଳର ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ। ଆଇଟି ୨.୦ ପ୍ରଣୟନ ହେବା ପରେ ଦେଖାଦେଇଥିବା ସମସ୍ୟାର ସମାଧାନ ପାଇଁ ଏଠାରେ ଦାବି କରାଯାଇଥିଲା। ଏହି ଅବସରରେ ଓଡ଼ିଶା ମଣ୍ଡଳର ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ୩ଦିନ ଧରି ସମ୍ମିଳନୀ ଚାଲିବାକୁ ଥିବା ବେଳେ ଉପରୋକ୍ତ ସଂଘର ପୃଥକ ସମ୍ମିନଳୀ ଆୟୋଜନ ହୋଇଥିଲା। ସେହିପରି କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, ବିକଶିତ ଭାରତ ସହ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା।




### ଫାଇଲ୍ ତଳେ ଚାପି ହୋଇଗଲା ଜିଲ୍ଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ ସମିତିର ସୁପାରିସ

# ମାଗଣା ବସ୍ ସେବାରୁ ବଞ୍ଚିତ ଶତାଧିକ ଏଚ୍‌ଆଇଭି ଆକ୍ରାନ୍ତ

ବ୍ରହ୍ମପୁର,୧୧।୮ (ସମିସ)

ଏଡ୍‌ସ ନିୟନ୍ତ୍ରଣ ଓ ଆକ୍ରାନ୍ତଙ୍କ ଉତ୍ତମ ଚିକିତ୍ସା ପାଇଁ ରାଜ୍ୟ ସରକାର ଓ ଏଡ୍‌ସ ପ୍ରବଣ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଏଡ୍‌ସ ସଚେତନତା କରାଯାଉଛି। କିନ୍ତୁ ଆକ୍ରାନ୍ତଙ୍କ ପାଇଁ ଘୋଷଣା ହୋଇଥିବା ସେବା ଓ ସୁବିଧା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଛି। ଏଚ୍‌ଆଇଭି ଆକ୍ରାନ୍ତଙ୍କ ପାଇଁ ଗଞ୍ଜାମ ଜିଲ୍ଲା ସ୍ବାସ୍ଥ୍ୟବିଭାଗ ପକ୍ଷରୁ ମାଗଣା ବସ୍ ସେବାର ବ୍ୟବସ୍ଥା କରାଯାଇଥିଲେ ହେଁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ରାଜ୍ୟରେ ରୋଜଗାର ପନ୍ଥାର ସେଭଳି ବିଶେଷ ସୁଯୋଗ ନଥିବାରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଲୋକ ରାଜ୍ୟ ବାହାରକୁ ନିଯୁକ୍ତି ସନ୍ଧାନରେ ଯାଉଛନ୍ତି। ତେବେ ଅନେକେ ଅସୁରକ୍ଷିତ ଯୌନ ସମ୍ପର୍କ ରଖୁଥିବାରୁ ଏଡ୍‌ସ ବ୍ୟାପୁଥିବା ବିଶେଷଜ୍ଞ କହିଛନ୍ତି। ଏଡ୍‌ସ ପ୍ରବଣ ଗଞ୍ଜାମ ଜିଲ୍ଲାରେ ସମ୍ପ୍ରତି ୧୮ହଜାର ୮୯୦ଜଣ ଏଚ୍‌ଆଇଭି ଆକ୍ରାନ୍ତ ରହିଛନ୍ତି। ସେଥିମଧ୍ୟରୁ ୧୦ହଜାର ୮୭୪ଜଣ ପୁରୁଷ ଏବଂ ୬୮୬୫ଜଣ ମହିଳା।

ସେହିଭଳି ୯୮୯ଜଣ ଶିଶୁ ଏବଂ ୧୬୨ଜଣ କିନ୍ନର ରହିଥିବା ସର୍ଭେରୁ ଜଣାପଡିଛି। ଆକ୍ରାନ୍ତଙ୍କୁ ନିୟମିତ ଔଷଧ ସେବନ କରିବାକୁ ଡ଼ାକ୍ତର ପରାମର୍ଶ ଦେଇଥାନ୍ତି। ଏଚ୍‌ଆଇଭି ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସା ଓ ଔଷଧ ଯୋଗାଣ ନିମନ୍ତେ ଜିଲ୍ଲାରେ ଏମ୍‌କେସିଜି ମେଡ଼ିକାଲ ଓ ଭଞ୍ଜନଗର ସ୍ଥିତ ଉପଖଣ୍ଡ ଚିକିତ୍ସାଳୟରେ ସ୍ୱତନ୍ତ୍ର ଏଆର୍‌ଟି କେନ୍ଦ୍ର ରହିଛି। ସେହିଭଳି ଔଷଧ ପାଇଁ ଆସିକା, ପୋଲସରା ଓ ଖଲ୍ଲିକୋଟରେ ୩ଟି

**ଅନୁପାଳନ ହେଉନି ନିୟମ; ଅଧାରୁ ଔଷଧ ସେବନରୁ ଓହରୁଛନ୍ତି ରୋଗୀ**

ସଂଲଗ୍ନ ଏଆରଟି କେନ୍ଦ୍ର କାର୍ଯ୍ୟ କରୁଛି। କିନ୍ତୁ ସେଥି ମଧ୍ୟରୁ ଏମକେସିଜି ମେଡ଼ିକାଲର ଏଆରଟି କେନ୍ଦ୍ର ଉପରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ନିର୍ଭର କରୁଛନ୍ତି। ଫଳରେ ଏଠାକୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ରୋଗୀ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ପ୍ରତିମାସରେ ଦୂରଦୂରାନ୍ତରୁ ବସ୍‌ରେ ଖର୍ଚ୍ଚ କରି ଆସି ଔଷଧ ନେବା ସମ୍ଭବପର ନୁହେଁ। ଫଳରେ ବହୁ ଆକ୍ରାନ୍ତ ଅଧାରୁ ହିଁ ଔଷଧ ସେବନ କରିବା ବନ୍ଦ କରିଦେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ଜିଲ୍ଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ ସମିତି ନୋଡ଼ାଲ ଅଫିସରଙ୍କ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଜିଲ୍ଲାରେ ଥିବା ଏଚଆଇଭି ଆକ୍ରାନ୍ତଙ୍କ ନିମନ୍ତେ ବସ ସେବା ସମ୍ପୂର୍ଣ୍ଣ ମାଗଣା କରିବାକୁ ନିଷ୍ପତି ହୋଇ ଆକ୍ରାନ୍ତଙ୍କୁ ବସ୍ ପାସ ଯୋଗାଇ ଦେବାକୁ ମଧ୍ୟ ନିର୍ଦ୍ଦେଶ ହୋଇଥିଲା। ତେବେ ଏହା କାର୍ଯ୍ୟକାରୀ ହୋଇପାରିନଥିବା ଜଣାପଡିଛି। ଫଳରେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନହୋଇ ଫାଇଲ ତଳେ ଚାପି ହୋଇ ରହିଥିବା ଜଣାପଡିଛି। ଫଳରେ ଅର୍ଥାଭାବରୁ ଅନେକ ଆକ୍ରାନ୍ତ ସଠିକ ସମୟରେ ଔଷଧ ସେବନରୁ ବଞ୍ଚିତ ହେବା ସହ ଆଉକିଛି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ସ୍ବାସ୍ଥ୍ୟବିଭାଗ ଧ୍ୟାନ ଦେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ୨୦୩୦ ମସିହା ସୁଦ୍ଧା ରାଜ୍ୟରୁ ଏଡ଼୍‌ସ୍ ସଂକ୍ରମଣକୁ ମୂଳୋତ୍ପାଟନ କରିବାକୁ ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ) ଉଦ୍ୟମ ଜାରି ରଖିଛି। ତଥାପି ଜିଲ୍ଲାରେ ଏଚଆଇଭି ରୋଗୀଙ୍କ ସଂଖ୍ୟାରେ ଲାଗାମ ଲାଗି ପାରୁନାହିଁ।

● ଜଗବନ୍ଧୁ ହୁଡା ସାହିରେ ଯୁବକଙ୍କୁ ହତ୍ୟା ଘଟଣା

# ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୧।୮ (ସମିସ): ଜଗବନ୍ଧୁହୁଡ଼ା ସାହିରେ ହରିଡ଼ାଖଣ୍ଡି ଧର୍ମନଗର ସାହିର ବିଦ୍ୟାଧର ପାଣିଗ୍ରାହୀ(୨୨)ଙ୍କୁ ଖଣ୍ଡାରେ ହାଣି ହତ୍ୟା ମାମଲରେ ଫେରାର ଥିବା ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବେହାଳିଆ ଗ୍ରାମର ବୁଲୁ ପଡ଼ିଆଲି (୪୦)। ପୂର୍ବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବଳିଆ ନାୟକ, ତାଙ୍କ ବାପା ଭାସ୍କର ନାୟକ ଓ ମା' ସୁଦେଷ୍ଣା ନାୟକ, ଭାଇ କାଳିଆ ନାୟକ, ସାନଭାଇ ମୋହନ ନାୟକ ଓ ସହଯୋଗୀ ରୋଶନ ଖଟେଇ ଏବଂ ସହଯୋଗୀ ପାଟପୁର କଂସାମାରୀର ଏସ୍ ଶଙ୍କର ଦୋରା ଓ ଲୋଚାପଡ଼ା କେନାଲ ସାହିର କାର୍ତ୍ତିକେଶ୍ୱର ମେହେର ଆଦି ୮ଜଣ ଗିରଫ ହୋଇଥିଲେ।

ପ୍ରକାଶ ଯେ, ଗତ ଏପ୍ରିଲ ୨୦ ରାତିରେ ଜଗବନ୍ଧୁ ହୁଡ଼ାସାହିର ବଳିଆ ନାୟକ ଠାକୁରାଣୀ ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ଆଗାସାହି ଛକଠାରେ ଜଗବନ୍ଧୁ ହୁଡା ସାହିର ବିଦ୍ୟାଧର ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ରାଜନା ପାତ୍ର ଆଗାସାହି ଛକ ଠାରେ ଖଣ୍ଡାରେ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ବଳିଆ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ବିଦ୍ୟାଧର ଓ ତାଙ୍କ ସହଯୋଗୀ ରାଜନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ହେଲେ ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ବଳିଆ ଓ ତାଙ୍କ ସହଯୋଗୀମାନେ ଯୋଜନା କରି ରଖିଥିଲେ। ବିଦ୍ୟାଧର ଓ ରାଜନା କିଛି ଦିନ ଜେଲରେ ରହିବା ପରେ ମେ' ୧୬ରେ ଜାମିନରେ ମୁକୁଳିଥିଲେ। ଯୋଜନା କରି ଜୁନ୍ ୩ରେ ବିଦ୍ୟାଧରଙ୍କୁ ହତ୍ୟା କରିଥିଲେ।

ସକାଳ THE SAKALA



www.sakalaepaper.com

## ଜି.ଉଦୟଗିରିରେ ଥମୁନି ହାତୀ ଉପଦ୍ରବ

# ମେଳି ବାନ୍ଧିଲେ ଅଞ୍ଚଳବାସୀ; ଶନିବାର ୧୨ ଘଣ୍ଟିଆ ବନ୍ଦ



ଜି.ଉଦୟଗିରି,୧୧।୮ (ସମିସ): ଜି.ଉଦୟଗିରି ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଦିନକୁ ଦିନ ବଢୁଥିବା ହାତୀ ଉପଦ୍ରବକୁ ନେଇ ଲୋକେ ଅତିଷ୍ଠ ହୋଇପଡିଲେଣି। ଦୀର୍ଘ ମାସ ହେଲା ହାତୀ ଉପଦ୍ରବ ଜାରି ରହିଥିବାରୁ ଧନଜୀବନ ନଷ୍ଟ ହେଉଛି। ଲୋକେ ଘରୁ ବାହାରିବାକୁ ଡରୁଥିବା ବେଳେ ଛାତ ଉପରେ ରହି ଦିନ କାଟୁଛନ୍ତି। ଏହାକୁ ନେଇ ଦିନକୁ ଦିନ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ହାତୀ ଆକ୍ରମଣରେ ଜୀବନ ଗଲା ପରେ ତୀବ୍ର ହୋଇଛି ଅସନ୍ତୋଷ। ଆଜି ମାଲାଙ୍ଗାସୁଗା ଛକରେ ବହୁ ସଂଖ୍ୟାରେ ଲୋକ ଜମା ହୋଇ ହିଂସ୍ର ଦନ୍ତାହାତୀକୁ ସ୍ଥାନାନ୍ତର ସହ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଅଗଷ୍ଟ ୧୬ ଶନିବାର ଜି.ଉଦୟଗିରି ୧୨ଘଣ୍ଟିଆ ବନ୍ଦ କରିବାକୁ ନେଇଛନ୍ତି ନିଷ୍ପତ୍ତି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ। ଧନ ଜୀବନ ନଷ୍ଟ କରୁଥିବା ହିଂସ୍ର ଦନ୍ତା ହାତୀକୁ ତୁରନ୍ତ ସ୍ଥାନାନ୍ତର, ହାତୀ ଉପଦ୍ରବ ସମସ୍ତ ଗ୍ରାମରେ ସୋଲାର ଲାଇଟ୍ ବ୍ୟବସ୍ଥା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ, କନ୍ଧମାଳ ଜିଲ୍ଲାରେ ତୁରନ୍ତ ସ୍ଥାୟୀ ରକ୍ଷକ ଦଳ ବା ରାପିଡ ରେସପନ୍ସ ଟିମ ନିୟୋଜିତ କରିବାକୁ ଲୋକେ ଦାବି କରିଛନ୍ତି। ଦୋକାନ ବଜାର , ଗାଡ଼ି ମଟର ଚଳାଚଳ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ କରିବାକୁ ଅନୁରୋଧ କରାଯାଇଛି। ବନ୍ଦ ପାଳନରେ ଅଞ୍ଚଳରେ ଥିବା ସମସ୍ତ ସଂଗଠନ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ସମୂହ ଛୁଟିରେ ରାଜସ୍ୱ ଅମଳା ସଂଘ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦେଲେ ଧାରଣା

ପାରଳାଖେମୁଣ୍ଡି,୧୧।୮ (ସମିସ): ଓଡ଼ିଶା ରାଜସ୍ୱ ଅମଳା ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୯ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କର ଅହେତୁକ ବିଳମ୍ବ ଯୋଗୁ ଗଜପତି ଜିଲ୍ଲା ରାଜସ୍ୱ ଅମଲା ସଂଘ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମୂହ ଛୁଟିରେ ଯାଇଛନ୍ତି। ଏହାସହ ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗଜପତି ଜିଲ୍ଲା ଶାଖା ରାଜସ୍ୱ ଅମଲା ସଂଘ ସଭାପତି ଯୁଧିଷ୍ଠିର ରଣସିଂହ ଓ ସମ୍ପାଦକ ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟଗଣ ଏକତ୍ର ହୋଇ ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅବସରରେ ସଂଘର ସଦସ୍ୟ ସନ୍ତୋଷ ପାଣିଗ୍ରାହୀ, ଭୈରବ ପଟ୍ଟନାୟକ, ଶଶାଙ୍କ ଶତପଥୀ, ପ୍ରସାଦ ପାତ୍ର, ଈଶ୍ୱର ବେହେରା, ଦେବେନ୍ଦ୍ର ପଟ୍ଟନାୟକ, ରଘୁନାଥ ସାହୁ, ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ/ସଦସ୍ୟା ସାମିଲ ହୋଇଥିଲେ।



## ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ଥାନା ପରିଦର୍ଶନ



ଜି.ଉଦୟଗିରି,୧୧।୮ (ସମିସ): ଜି.ଉଦୟଗିରି ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୁମାର ବିଶିଙ୍କ ତତ୍ତ୍ୱାବଧାନରେ ଆଦର୍ଶ ଥାନା ପରିସରରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଆଦର୍ଶ ଥାନା ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାସ, ସବିତା ମିଶ୍ର, ଅଭିମନ୍ୟୁ ପ୍ରଧାନ ଓ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ପୁଲିସ ବିଭାଗ ଓ ତାର କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଆଦର୍ଶ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ପୁଲିସର ସମାଜ ପ୍ରତି ଦାୟିତ୍ୱ ଓ କାର୍ଯ୍ୟ ସମ୍ପାଦନ ବିଷୟରେ ଛାତ୍ରୀ ଛାତ୍ରଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ବିଭିନ୍ନ ନିୟମ କାନୁନ ବିଷୟରେ ବୁଝାଇଥିଲେ। ଏସ୍ଆଇ ରୂପକ ଦଳାଇ ମଦ୍ୟପାନ କରି ଯାନବାହାନ ଚଳାଚଳ ସମୟରେ ଯାଞ୍ଚ ପ୍ରକ୍ରିୟା ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ ବିଷୟରେ ବୁଝାଇଥିଲେ। ଆଲୋଚନା କାର୍ଯ୍ୟକ୍ରମରେ ମହିଳା ଏସ୍ ଆଇ ରଞ୍ଜିତା ବେହେରା, ଏ ଏସ୍ ଆଇ ବୁଲୁ ବେହେରା, ରବୀନ୍ଦ୍ରନାଥ ସେଠୀ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

## ବିକୃତ ଓଡ଼ିଆ ଲେଖାରୁ ଅସନ୍ତୋଷ



କାଶୀନଗର,୧୧।୮ (ସମିସ): ଗଜପତି ଜିଲ୍ଲା କାଶୀନଗର ବିଭିନ୍ନ ଅଞ୍ଚଳରେ ଓଡ଼ିଆ ଭାଷା ପ୍ରତି ଅସମ୍ମାନ ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହେଉଛି। ଗଜପତି ଜିଲ୍ଲା ପରିଷଦ ପକ୍ଷରୁ କାଶୀନଗର ବ୍ଲକ୍ ଜରିଆରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କ କାର୍ଯ୍ୟାଳୟର ଉନ୍ନତିକରଣ କରାଯାଇଛି। ଏହାର ଅଟକଳ ମୂଲ୍ୟ ୩ ଲକ୍ଷ ଟଙ୍କା ହୋଇଥିବା ବେଳେ ସୁଧ ଅର୍ଥଧନ ଯୋଜନା ଅଧୀନରେ ଏହା ନିର୍ମିତ ବୋଲି ଲେଖାରହିଛି କାନ୍ଥରେ। ସୁଧ ଅର୍ଥଧନ କ'ଣ କେହି ବୁଝି ପାରୁ ନଥିବା ବେଳେ ଏପରିକି ଗଣମାଧ୍ୟମ ପ୍ରତିନିଧି ବ୍ଲକ୍ କାର୍ଯ୍ୟାଳୟର କେତେ ଜଣ କର୍ମଚାରୀଙ୍କୁ ଏ ସମ୍ପର୍କରେ ପଚାରିବା ବେଳେ ସେମାନେ ନାସ୍ତିସୂଚକ ଉତ୍ତର ଦେଇଥିଲେ। ସମ୍ଭବତଃ ସୁଧ ଟଙ୍କା ବା ଇଣ୍ଟରେଷ୍ଟ ମନିରୁ ଉକ୍ତ ଉନ୍ନତିକରଣ କାର୍ଯ୍ୟ କରାଯାଇ ଥାଇପାରେ ବୋଲି ଆଲୋଚନା ହେଉଛି। ଯଦି ବାସ୍ତବରେ ଏପରି ହୋଇଥାଏ, ତେବେ ସୁଧ ସ୍ଥାନରେ ସୁଧ ଲେଖିବା କେତେଦୂର ଗ୍ରହଣୀୟ? ଏଠି ଲେଖାଯାଇଥିବା ଓଡ଼ିଆ ଭାଷାର ଅସମ୍ମାନ ପାଇଁ ସମ୍ପୃକ୍ତ ଠିକାଦାର ନା କନିଷ୍ଠ ଯନ୍ତ୍ରୀ ଦାୟୀ ବୋଲି ପ୍ରଶ୍ନ ଉଠିଛି। ଓଡ଼ିଶା ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏହା ଆଦୌ ଗ୍ରହଣୀୟ ନୁହେଁ , ବରଂ ଦୁଃଖଦାୟକ ଓ ପ୍ରତିବାଦଯୋଗ୍ୟ ବୋଲି ଓଡ଼ିଆ ଭାଷାପ୍ରେମୀ କହିଛନ୍ତି। ପ୍ରଶାସନ ଶୁଦ୍ଧ ଓଡ଼ିଆ ଲିଖନ ଉପରେ ଗୁରୁତ୍ୱ ଦେବାକୁ ଦାବି ହେଉଛି।

## ବ୍ରାହ୍ମଣପାଦରେ ଗହ୍ମା ଡିଆଁ

ଚକାପାଦ,୧୧।୮ (ସମିସ): ଚକାପାଦ ବ୍ଲକର ବିଭିନ୍ନ ସ୍ଥାନରେ ଗହ୍ମାପୂର୍ଣ୍ଣିମା ଓ ରକ୍ଷଳ ବନ୍ଧନ ପାଳିତ ହୋଇଥିଲା। ବ୍ରାହ୍ମଣପାଦରେ ବହୁ ଉଚ୍ଚରେ ବାଉଁଶରେ ଝୁଲାଯାଇ ଥିବା ଛତା, କ୍ଷୀର ବୋତଲ, ଚକଲେଟ, ବିସ୍କୁଟ, ଖାତା, ପେନ, ପଇସା ଏବଂ ବିଭିନ୍ନ ସାମଗ୍ରୀ ରଖି ଗହ୍ମା ଡିଆଁ କାର୍ଯ୍ୟକ୍ରମ ହୋଇଥିଲା। ବହୁ ଉଚ୍ଚରେ ଝୁଲୁଥିବା ବିଭିନ୍ନ ସାମଗ୍ରୀକୁ ଡିଆଁ ମାରି ହାତେଇ ନେବାର ପ୍ରତିଯୋଗିତା ହୋଇଥିଲା। ଅଞ୍ଚଳର ବହୁ ସଂଖ୍ୟାରେ ଲୋକେ ଜମା ପାରମ୍ପରିକ ପର୍ବ ପାଳନରେ ସାମିଲ ହୋଇଥିଲେ। ଓଡ଼ିଆଙ୍କ ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ବେଶ ପାଳିତ ହୋଇଥିଲା। ଏହି ଦିନରେ ଗୋମାତାଙ୍କ ପୂଜା କରାଯିବା ସହ ଘରେ ଘରେ ପିଠାପଣା ହୋଇଥିଲା।

## ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୧୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଟାଉନହଲ୍‌ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଏବଂ ଭକ୍ତି ନୈବେଦ୍ୟ ସାଂସ୍କୃତିକ ଅନୁଷ୍ଠାନ ପାରଳାଖେମୁଣ୍ଡିର ମିଳିତ ସହଯୋଗରେ ପଦ୍ମଶ୍ରୀ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ୯୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ହେମେନ୍ଦ୍ର ହନାଗା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ତଥା ସଦସ୍ୟ ପଣ୍ଡିତ ରଘୁନାଥ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଯୋଗଦେଇ ପଦ୍ମଶ୍ରୀ ପଣ୍ଡିତ ରଘୁନାଥଙ୍କ ସଙ୍ଗୀତ କଳାକୃତି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସାଂସ୍କୃତିକ ସଭାରେ ନୃସିଂହ ଚରଣ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ମଞ୍ଚଶିଳ୍ପୀ ଆଦର୍ଶ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆକାଶବାଣୀ ଓ ଦୂରଦର୍ଶନ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ଡ.ଚନ୍ଦନ ଗନ୍ତାୟତଙ୍କ ନେତୃତ୍ୱରେ ଶର୍ମିଳା ସାମନ୍ତରା, ଆଶୁତୋଷ ମିଶ୍ର, ଅଞ୍ଜଳି ପାତ୍ର ଓ ଅମୃତା ପୁରୋହିତ ପଣ୍ଡିତ ରଘୁନାଥଙ୍କ ସଙ୍ଗୀତ ଗାନ କରିଥିଲେ। ସଂଗୀତ କାର୍ଯ୍ୟକ୍ରମ ପରେ ପଦାମୃତ ନୃତ୍ୟାୟନ ଓ ଶ୍ରୀ ଜଗନ୍ନାଥ ଓଡ଼ିଶୀ କଳାକେନ୍ଦ୍ର ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।



## ଜାତୀୟ ପତାକା ବିତରଣ କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୧୧।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଜାତୀୟ ପତାକା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଏଲ୍ଏମ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳକ ଟିମନ୍ ବାରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲାର ୭ ବ୍ଲକକୁ ଏକ ଲକ୍ଷ ପତାକା ବଣ୍ଟନ କରାଯାଇଥିଲା। ସ୍ୱାଧୀନତା ଦିବସ ପାଳନ ଅବସରରେ ଅଗଷ୍ଟ ୧୩ରୁ ୧୫ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା ଅଭିଯାନରେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡାଇବା ପାଇଁ କେନ୍ଦ୍ର ସରକାର ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଆଦେଶ କ୍ରମେ ମିଶନ ଶକ୍ତି ସଂଘଙ୍କ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ପରିବାରକୁ ମାଗଣାରେ ଜାତୀୟ ପତାକା ବଣ୍ଟନ କରାଯିବ। ଏହି ପତାକା ଜିଲ୍ଲାର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ଘର ଘର ବୁଲି ବିନା ମୂଲ୍ୟରେ ଜାତୀୟ ପତାକା ବଣ୍ଟନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭଗର ଜିଲ୍ଲା ସାଧାରଣ ପରିଚାଳକ ସୁନାରାମ ସିଂ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଶାନ୍ତ ରଞ୍ଜନ ଦାସ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ପ୍ରତିନିଧି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବୁଢୁରାରେ ଜନ ଅଭିଯୋଗ ଶୁଣାଣି

କାଶୀନଗର,୧୧।୮ (ସମିସ): କାଶୀନଗର ବ୍ଲକ ବୁଢୁରା ପଞ୍ଚାୟତରେ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଫାଲ୍‌ଗୁନୀ ମାଝୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା, ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ଅନୁପ କୁମାର ପଣ୍ଡା ଓ ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମାଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି କରାଯାଇଥିଲା। ସ୍ଥାନୀୟ ତହସିଲଦାର ସୁଧୀର କୁମାର ନନ୍ଦ, ବିଡ଼ିଓ ଡମ୍ବୁରଧର ମଲ୍ଲିକ, ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ବି.ବାବୁରଓ ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୁଢୁରା ପଞ୍ଚାୟତ ଭାନ୍ନା ଗ୍ରାମର ହାଇସ୍କୁଲ କୋଠରୀ ପୁନଃନିର୍ମାଣ, କିତିଙ୍ଗି ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ, ତେଲୁଗୁ ଛାତ୍ରଛାତ୍ରୀଙ୍କୁ ବହି ଯୋଗାଣ ସହ ଉନ୍ନତ ଶିକ୍ଷା ନିମନ୍ତେ ଲିଖିତ ଅଭିଯୋଗ ହୋଇଥିଲା। ସମସ୍ତ ବିଭାଗ ସ୍ୱାସ୍ଥ୍ୟ, ଶିକ୍ଷା, ଜଳ ଯୋଗାଣ, ପୂର୍ତ୍ତ, କୃଷି, ଶିଶୁ ବିକାଶ, ପ୍ରାଣୀ ଚିକିତ୍ସା, ମହିଳା ସଶକ୍ତିକରଣ, ଖଣି ବିଭାଗ ଅନନ୍ୟ ସମସ୍ତ ବିଭାଗର ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ୨୮ ବ୍ୟକ୍ତିଗତ ଅଭିଯୋଗ ଓ ୨୩ ସାମୂହିକ ଅଭିଯୋଗର ଶୁଣାଣି କରାଯାଇଥିଲା। ମୋଟ ୫୧ଟି ଦରଖାସ୍ତ ପ୍ରଶାସନ ପାଖରେ ଦାଖଲ ହୋଇଥିଲା। ଶୁଣାଣି କାର୍ଯ୍ୟକ୍ରମକୁ ବିଡିଓ ଡମ୍ବୁରଧର ମଲ୍ଲିକ ପରିଚାଳନା କରିଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ କେ.ସୀତାରାମ ଓ ପିଇଓ ସୁନୀତା ଲିମ୍ମା ସହଯୋଗ କରିଥିଲେ।



## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଫିରିଙ୍ଗିଆ,୧୧।୮ (ସମିସ): ଫିରିଙ୍ଗିଆରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅଧ୍ୟକ୍ଷତାର ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ, ସ୍ଥାନୀୟ ସିଆର୍‌ସିସି ରାଜେଶ କୁମାର ନାଏକ, ପଞ୍ଚାୟତ ମହାବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷ୍ମୀକାନ୍ତ ସାହୁ, ଏପିଓ ସୁମନ୍ତ କୁମାର ଉଠାଣ ସିଂ, ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ସହ ଅଗ୍ନିଶମ ବାହିନୀ, ପୁଲିସ କର୍ମଚାରୀ ଓ ବ୍ଲକ ମୁଖ୍ୟାଳୟରେ ଥିବା ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବ୍ଲକ ମୁଖ୍ୟାଳୟରେ ଥିବା ମିନି ଷ୍ଟାଡିୟମରେ ସାଜସଜ୍ଜା, ଛାତ୍ରଛାତ୍ରୀଙ୍କ ପ୍ୟାରେଡ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।



## ବାସଗୃହ ଓ ଗୁହାଳ ଦଖଲକୁ ନେଇ ବିବାଦ

ପାରଳାଖେମୁଣ୍ଡି,୧୧।୮ (ସମିସ): କାଶୀନଗର ବ୍ଲକ ସିଦ୍ଧାମଡ଼ଙ୍ଗ ଗ୍ରାମରେ ବାସଗୃହ ଓ ଗୁହାଳ ଦଖଲକୁ ନେଇ ବିବାଦ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚିଛି। ଗ୍ରାମର କେ.ମାଧବା ରାଓ ନାମକ ବ୍ୟକ୍ତି ପାରଳାଖେମୁଣ୍ଡିରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ତାଙ୍କ ଗୃହ ଓ ଗୁହାଳକୁ ସେହି ଗ୍ରାମର ଚନ୍ଦ୍ର ସାହୁକାର ନିଜ ନାମରେ ପଟ୍ଟା କରି ନେଇଥିବା ଅଭିଯୋଗ କରିଥିଲେ। ତାଙ୍କର ଗୃହ କିମ୍ବା ଅନ୍ୟ କୌଣସି ସମ୍ପତ୍ତି ନଥିବା ସେ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ସେ ଜଣେ ଗରୀବ ବ୍ୟକ୍ତି ଓ ପୁରୁଷାନୁକ୍ରମେ ବସବାସ କରିଆସୁଛନ୍ତି। ଏନେଇ କାଶୀନଗର ତହସିଲ ଠାରୁ ଆରମ୍ଭ କରି ଜିଲ୍ଲାପ୍ରଶାସନର ବହୁବାର ସେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ଏପରିକି ଘଟଣା ପାରଳାଖେମୁଣ୍ଡି ଥାନାରେ ପହଞ୍ଚିଛି। ହେଲେ ତାଙ୍କ ବିରୋଧରେ କେ.ମାଧବା ରାଓ ଯେଉଁ ଅଭିଯୋଗ ଆଣିଛନ୍ତି ତାହାକୁ ଚନ୍ଦ୍ର ସାହୁକାର ଖଣ୍ଡନ କରିବା ସହ ଉକ୍ତ ବିବାଦୀୟ ଘର ଓ ଗୁହାଳ ଲାବରା ରବି କୁମାରଙ୍କ ଠାରୁ କ୍ରୟ କରିଥିବା ବିକ୍ରୟପତ୍ର ସହ ପଟ୍ଟା ରହିଥିବା କହିଛନ୍ତି। ଗ୍ରାମର କିଛି କୁଚକ୍ରି ଗୋଷ୍ଠୀ ଅଶାନ୍ତି ସୃଷ୍ଟି ପାଇଁ ଏପରି ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ସାହୁକାର କହିଛନ୍ତି।



## ଥାନା ବୁଲିଲେ; ଅଧିକାରୀଙ୍କ ସହ ଆଲୋଚନା କଲେ ଛାତ୍ରୀ



ଫିରିଙ୍ଗିଆ,୧୧।୮ (ସମିସ): କନ୍ଧମାଳ ଏସ୍‌ପି ହରିଶ ବିଶିଙ୍କ ନିର୍ଦ୍ଦେଶକ୍ରମେ ଗୋଚ୍ଛାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଗୋଚ୍ଛାପଡ଼ା ଥାନା ବୁଲି ଦେଖିବା ସହ ଥାନା ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପୁଲିସର କାର୍ଯ୍ୟକାରୀତା ଏବଂ ଆବଶ୍ୟକ ସ୍ଥଳେ ସାଧାରଣ ବ୍ୟକ୍ତିଙ୍କ ସମେତ ଛାତ୍ରଛାତ୍ରୀ ମଧ୍ୟ ସିଧାସଳଖ ଆସି ଥାନାରେ ସେମାନଙ୍କର ଅଭିଯୋଗ କରିପାରିବା ନେଇ ଏକ ଏକ୍ସପୋଲର ଭିଜିଟ୍ ଜରିଆରେ ଜ୍ଞାନ ଆହରଣ କରିବା ପାଇଁ କାର୍ଯ୍ୟକ୍ରମ ଥାନାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକଙ୍କ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଥାନାକୁ ଆସିଥିଲେ। ଛାତ୍ରଛାତ୍ରୀଙ୍କୁ ଗୋଚ୍ଛାପଡ଼ା ଥାନା ଅଧିକାରୀ ଚିରଞ୍ଜିବି ବେହେରା, ଏସ୍ଆଇ ଅଶୋକ ପରିଡା, ଏସ୍ଆଇ ଅନନ୍ତ ପ୍ରଧାନ, ଏଏସ୍ଆଇ ରମାକାନ୍ତ ଭୋଇ ଓ ଏଏସ୍ଆଇ ତ୍ରିଲୋଚନ ମଳିକ ଛାତ୍ରଛାତ୍ରୀଙ୍କୁ ଚକୋଲେଟ୍ ଦେଇ ସ୍ୱାଗତ କରିଥିଲେ। ପରେ ସେମାନେ ଥାନା ବୁଲି ଦେଖିବା ସହ ପୁଲିସ୍‌ର କାର୍ଯ୍ୟ ଓ ବିଭିନ୍ନ ଅପରାଧ ଓ ଅପରାଧୀଙ୍କ ବିରୋଧରେ ପୁଲିସ ନେଉଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନ, ଥାନାରେ ଥିବା ମାଲଖାନା, ପୁଲିସ୍‌ର କାର୍ଯ୍ୟଶୈଳୀ ଆଦି ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ବର୍ତ୍ତମାନ ଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଯୌନ ଶୋଷଣ ଓ ଏହାର ଆଇନ ବାବଦରେ ମଧ୍ୟ ଆଲୋଚନା କରାଯାଇଥିଲା।

## ମିଳିତ ଜନଶୁଣାଣି

# ୨୫୬ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଦାରିଙ୍ଗବାଡି,୧୧।୮ (ସମିସ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବେଦଭୂଷଣ ଓ ଏସ୍‌ପି ହରିଶ୍ ବିଶି ଯୋଗଦେଇ ୨୫ ପଞ୍ଚାୟତର ୨୫୬ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୮୪ ବ୍ୟକ୍ତିଗତ ଅଭିଯୋଗ ଓ ୧୭୨ ସାମୂହିକ ଅଭିଯୋଗ ରହିଥିଲା। ଗାଁ ଠାରୁ ସହର ପର୍ଯ୍ୟନ୍ତ ମୋବାଇଲ ନେଟୱର୍କ ସମସ୍ୟାର ସମାଧାନ ସହ ବ୍ରାହ୍ମଣୀଗାଁ ଓ ଗଦାପୁରରେ ଜିଓ ନେଟୱାକ ସ୍ଥାପନ ନେଇ ଅଭିଯୋଗ ହୋଇଥିଲା। ସେହିପରି ରାସ୍ତା ସମ୍ପ୍ରସାରଣ, ମରାମତି, ଗାଁକୁ ପଞ୍ଚାୟତ ସଂଯୋଗ ପାଇଁ ପୋଲ ନିର୍ମାଣ ଓ ରାସ୍ତା ନିର୍ମାଣ, ପିଇବା ପାଣି ବିଶେଷ କରି ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ଅଭିଯୋଗ ହୋଇଥିଲା। ସେହିପରି ଜଙ୍ଗଲଜମି ଓ ଜମି ପଟ୍ଟା ଯୋଗାଣରେ ବିଳମ୍ବ, ଗଦାପୁର, ଶିକରମାହା ଏବଂ ବୁଢ଼ାଗୁଡାରେ ଡାକ୍ତର ନିୟମିତ ନ ରହିବା, ତାଜୁଙ୍ଗିଆ ପଞ୍ଚାୟତରେ ୨ବର୍ଷ ହେଲା ବିଏସଏନଏଲ ସେବା ଅଚଳ ସମେତ ବିଦ୍ୟୁତ ସେବା ଏକାଧିକ ଗ୍ରାମରେ ନଥିବା ନେଇ ଅଭିଯୋଗ ହୋଇଥିଲା। ଦାରିଙ୍ଗବାଡ଼ି ବଜାର ମଧ୍ୟରେ ଥିବା ବଜାରଗୃହ କାର୍ଯ୍ୟକ୍ଷମ କରି, ଗ୍ରୀନବାଡ଼ି ପଞ୍ଚାୟତର ୮, ୯ ଓ ୧୦ ନମ୍ବର ୱାର୍ଡ ତଫସିଲଯୁକ୍ତ ଜାତିର ଲୋକେ ଅଧିକ ସଂଖ୍ୟାରେ ରହୁଥିବାରୁ ତଫସିଲଭୁକ୍ତ ଉପଜାତି ପରିବର୍ତ୍ତେ ତଫସିଲଭୁକ୍ତ ଜାତି ସଂରକ୍ଷଣ ପାଇଁ ନିମନ୍ତେ ଅଭିଯୋଗ ହୋଇଥିଲା। ଶୁଣାଣିରେ କନ୍ଧମାଳ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ଏସଡିପିଓ ରମେନ୍ଦ୍ର ପ୍ରସାଦ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ତହସିଲଦାର ଫାଲ୍‌ଗୁନି କୁମାର, ବିଡ଼ିଓ ପ୍ରୀତି ରଞ୍ଜନ ରଥଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।



